<onl19><literature><novel...><1983><book.><କ୍ଷଣ....><ଅନାଦି...><10
61>

ରକ୍ତାଭ ନଡିଆ ଗଛର ଚେର ପାଖରେ ଆମ୍ବ , ପଣସ , ପ୍ରଭୃତି
ଗଛଗୁଡିକ ଶୁଖିଲାପତ୍ର ବେଷ୍ଟିତ ହୋଇ ମୃତ । ସେମାନଙ୍କର ରକ୍ତାଭ
ଆଭା ନାହିଁ । ବିସୁଚିକାଗ୍ରସ୍ତ ରୋଗୀର ଶୀର୍ଣ୍ଣ ଶରୀରପରି ସେମାନଙ୍କ ବିଶାଳ
ଆୟତନ ସଂକୁଚିତ ।
ସେହି ପରିବେଶ ଭିତରେ ତଥାପି ଆଶା ରହିଛି । ମନୁଷ୍ୟ ପୁଣି
ଅଣ୍ଟା ଭିଡିଛି । ଭବିଷ୍ୟତକୁ ଆଖି ରଖିଛି । ଜୀବନ ସଂଗ୍ରାମରେ ପରାଜୟ
ସ୍ୱୀକାର କରିନାହିଁ ।
ଆକାଶରେ ସୂର୍ଯ୍ୟାସ୍ତର ଶେଷଛଟା । ସୀମିତ ସୂର୍ଯ୍ୟାଲୋକ
ଜଳଧାର ଉପରେ ସୃଷ୍ଟି କରୁଥାଏ ଅପୂର୍ବ ବର୍ଣ୍ଣାଳୀ ଅଗ୍ନିର ତରଙ୍ଗ ।
ନଦୀର ବିପରୀତ ଦିଗରୁ ଗୋଟାଏ ହୁଲିଡଙ୍ଗା ତୀବ୍ର ଗତିରେ ତଳକୁ ଚାଲି
ଆସୁଥାଏ ବର୍ଣ୍ଣାଳିକୁ କାଟିକାଟି । ସୃଷ୍ଟି କରୁଥାଏ ତରଳ ସୁନାର ଆଭା ।
ମହାନ୍ତିବାବୁ ଏହି ଦୃଶ୍ୟ ଦେଖି ମୁଗ୍ଧ ଚକ୍ଷୁରେ ଅନେଇ ରହିଲେ ।
ଭାବିଲେ , ବାସ୍ତବିକ ପ୍ରକୃତି କେତେ ସୁନ୍ଦର - ପୁଣି କେତେ ରକ୍ଷ !
ହୁଲିଡଙ୍ଗାକୁ ଦେଖି ପୁରୁଖା ନାଉରୀଆ ଜଣେ କହିଲା - ' ସାର ,
ପୁଲିସରେ ଗୋଟିଏ ହୁଲିଡଙ୍ଗା ରଖନ୍ତି । ଡଙ୍ଗାଟା ଯୁଆଡେ ସିଆଡେ
ଯାଇପାରିବ , ଜଲଦି ଜଲଦି ଯିବ । ଆମର ଏ ବୁହାଣିଆ ଡଙ୍ଗା କିଛି
କାମର ନୁହେଁ । '
' ହଁ , ଏଥର ସୁପାରିଶ୍ କରିବା ' - କହି ମହାନ୍ତିବାବୁ ଅସ୍ତଗାମୀ
ସୂର୍ଯ୍ୟର ଶେଷ ଛଟାକୁ ଅନେଇ ରହିଲେ ।
' ସାର , ଏଥର କେନ୍ଦ୍ରାପଡା ଅଞ୍ଚଳ ମଧ୍ୟ ପାଣି ଘେରରେ
ପଡିଗଲା । ମୁଁ କେନ୍ଦ୍ରାପଡା ଥାନାରେ ଥିବାବେଳେ ସମସ୍ତେ କହୁଥିଲେ

କଟନ୍ ସାହେବ ଯେଉଁ କ୍ୟାପିଟାଲ୍ ବନ୍ଧ କରିଦେଇଛି ସେଥିରେ ବଢି ପାଣି କେନ୍ଦ୍ରାପଡାର ପାଖ ପଶି ପାରିବନି । କଟନ୍ ସାହେବକୁ ଚିତା କାଟିଦେଇ ପାଣି ସାତ ଲହଡି ମାରିଲା କେନ୍ଦ୍ରାପଡାରେ ' – ବୁଢା ସୁକାନୀଟି କହୁଥିଲେ ।

' ଆରେ କଟନ୍ ସାହେବକୁ ଦୋଷ ଦେଇ ଲାଭ କ'ଣ ? ଏତେ ପାଣି କେବେ ନଦୀରେ ଆସିଥିଲା କି ? କଟନ୍ ସାହେବ ତ ମଣିଷ – । '
– ମହାନ୍ତିବାବୁ କହିଲେ ।

ସୁଅ କାଟି ନୌକା ନେଉ ନେଉ ଅନ୍ଧାର ହୋଇ ଯାଇଥାଏ ।
ଅନ୍ଧକାର ଭିତରେ ଦୂର ଗଛର ଅସ୍ପଷ୍ଟ ଛାଇକୁ ଲକ୍ଷ୍ୟ କରି କରି ନାଉରୀମାନେ ନୌକା ଚଳାଉଥାଆନ୍ତି । ହଠାତ୍ ପଛରୁ ସୁକାନୀ ପାଟିକରି ଉଠିଲା – ` ଆରେ ରାମ , ଗରି ଉପରେ ନାଆଟା ଚଢିଗଲାରେ , ଓହ୍ଲା , ଓହ୍ଲା ତଳକୁ । କହି କହି ନିଜେ ପାଣି ଭିତରକୁ ଡେଇଁ ପଡିଲା । ନଦୀ ଭିତରରେ ଆଣ୍ଠୁଏ ପାଣି । ସବୁ ନାଉରୀଆ ମିଶି ଡଙ୍ଗାକୁ ଗଭୀର ପାଣି ଭିତରକୁ ଟାଣି ନେଲେ । ପୁଣି ସମସ୍ତେ ଡଙ୍ଗା ଉପରକୁ ଉଠିଲାବେଳେ ସୁକାନୀ ମହାନ୍ତିବାବୁଙ୍କ ଉଦ୍ଦେଶ୍ୟରେ କହିଲା – ' ଏ'ସନ ନଦୀ ବଡ ଅଡୁଆ କରିଦେଇଛି , କେତେ ଜାଗାରେ ବାଲି ପକେଇ ନଦୀ ଭିତରେ ଢିପ କରି ଦେଇଛି , କେତେ ଜାଗାରେ ଖାଲ କରିଦେଇଛି ... । '
କହୁ କହୁ ଆନୀ ନାଉରିଆ ଉଦ୍ଦେଶ୍ୟରେ ପାଟିକଲା – ` ଆରେ ଖମା ଦେଖିନେବୁ , ନ ହେଲେ ତଳକୁ ଓହ୍ଲେଇ ଠେଲିବାକୁ ପଡିବ । '
` ହଁ ନଉଛି , ହେଲେ ପଠାଟା ପାଖେଇ ଆସିଲାଣି , ଅନ୍ଧାରଟାରେ କିଛି ଜଣା ପଡୁନି । ପଠା ପାଖ ଭୀଷ୍ମଟା କେଉଁଠି ଅଛି ଜାଣି ହେଉନି । '
` ପଠାର ଗଛକୁ ଲକ୍ଷ୍ୟ କଲେ ଭୀଷ୍ମ କେଉଁଠି ଅଛି ଜାଣିହେବ । '
` ପଠାରେ ଗଛ ଅଛି ଯେ ଜାଣିବି ? '
` ମଝି ନଇରେ ନେଇଯା – ଭୀଷ୍ମ ପଡିବନି ! ଜଲ୍ଦି କର । '

ଆସ୍ତେ ଆସ୍ତେ ଦୋଳାୟିତ ନୌକା ପାତ୍ରପୁର ଘାଟରେ ପହଞ୍ଚିଲା
ରାତି ଅଧ ବେଳକୁ । ସମସ୍ତେ କ୍ଲାନ୍ତ – ନିଃଶବ୍ଦରେ ଚାଲିଲେ ନିଜନିଜ ଘରକୁ ।
ରିଲିଫ୍ ସାମଗ୍ରୀ ସହ ଘରଭଙ୍ଗା ଋଣ , ବିଭିନ୍ନ କିସମର ସାହାଯ୍ୟ
ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ପୂରାପୂରି ବଙ୍କା ହେବାପାଇଁ ନ ଦେଇ
ସାମାନ୍ୟ ସିଧା କରିନେଲା । କିନ୍ତୁ ବାଲିଚର ଜମିରେ ସୀମା ନିର୍ଦ୍ଧାରଣ
କରି ପୁଣି ଚାଷବାସରେ ଲାଗିଗଲା ବେଳେ ସୀମା ବିବାଦ ତୁମୁଳ ହେଲା । //
ପ୍ରଚ୍ଛନ୍ନ ଏବଂ ପରୋକ୍ଷଭାବେ କହିଗଲେ – କରବାବୁ ଅତୀତର
ରକ୍ତପିପାସୁ , ଲୋଭୀ ଜମିଦାରଠାରୁ ମଧ୍ୟ ଭୟଙ୍କର ।
କରବାବୁ ବୁଝେଇବା ପାଇଁ ଚେଷ୍ଟା କଲାବେଳେ ମନ୍ତ୍ରୀ ତାଙ୍କୁ
କହିବା ସୁଯୋଗ ନ ଦେଇ ନିଜେ କହି ଚାଲିଥାଆନ୍ତି । ସତେ ଯେମିତି
ସେ ବକ୍ତା ଏବଂ ତହସିଲଦାର ଶ୍ରୋତା । ଅନେକ ବାକ୍ୟବାଣ , ପରୋକ୍ଷ
ବିରକ୍ତିରେ ଅତିଷ୍ଠ ହୋଇ ଉଠିଲେ କରବାବୁ । ନିଜକୁ କେମିତି ଏହି
ରୁକ୍ଷ ଏବଂ ଅସତ୍ୟ ବାକ୍ୟବାଣ ଆରୋପ ଏବଂ ଅଭିଯୋଗରୁ ମୁକ୍ତ
କରିବେ ଜାଣିପାରୁ ନଥିଲେ । ବନ୍ୟା ପରେ ପରେ ସେ ଆସିଛନ୍ତି ।
ଯତ୍‌ପରୋନାସ୍ତି ଚେଷ୍ଟା କରିଛନ୍ତି ଥଇଥାନ ପାଇଁ । ଜିଲ୍ଲାପାଳଙ୍କୁ ସୁପାରିଶ୍
କରିଛନ୍ତି ଖଜଣା ଆଦାୟ , ଋଣ ଆଦାୟ ମଛର କରିଦେଇଛନ୍ତି , ଅଥଚ
ମନ୍ତ୍ରୀ ନୂତନ ଅଭିଯୋଗ ବାଢି ତାଙ୍କ ଚରିତ୍ର ଏବଂ ପାରଦର୍ଶିତା ଉପରେ
ଆକ୍ଷେପ କରୁଛନ୍ତି ।
ମନ ତାଙ୍କର ବିଦ୍ରୋହ କରି ଉଠିଲା । କାନମୂଳ ବିଦ୍ରୋହର
ସଙ୍କେତ ନେଇ ରକ୍ତାଭ ହୋଇ ଉଠିଲା । ଓଠ ଥରି ଉଠିଲା । ଆଖି
କ୍ଷୁଦ୍ର ହୋଇ ଆସିଲା । କମ୍ପିତ କଣ୍ଠରୁ ଯଥାସମ୍ଭବ ସାଧାରଣ ସ୍ତରରେ
ରଖିବା ପାଇଁ ଚେଷ୍ଟାକରି କରିବାକୁ କହିଲେ – ଆପଣଙ୍କୁ ଯେଉଁମାନେ
ଏ ସବୁ କହିଛନ୍ତି ସେମାନେ ଭୁଲ ତଥ୍ୟ ଯୋଗେଇଛନ୍ତି , ସାର । ମୁଁ
ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଛି ବନ୍ୟା ଦୁର୍ଗତଙ୍କୁ ସାହାଯ୍ୟ କରିବା

ପାଇଁ , ମୋର ସବୁକାମ ତ୍ୱରାନ୍ୱିତ କରିବା ପାଇଁ ।
ଏତିକିବେଳେ ବସନ୍ତ ସୁବିଧା ପାଇ କହି ଉଠିଲା ଆପଣ
ମନେ ମନେ ଭାବିଲେ କଣ ହେବ ? ଲୋକ ଯେ ଅସୁବିଧାରେ ପଡୁଛନ୍ତି ।
ଆପଣ ଋଣ ଆଦାୟ କାହିଁକି ବନ୍ଦ କରି ନାହାନ୍ତି ?
ବସନ୍ତର କହିବା ଭଙ୍ଗୀ ଏବଂ ଅନଧିକାର କଥାବାର୍ତ୍ତାରେ କର
ରାଗିଉଠି କହିଲେ - ଆପଣ କିଏ ମୋତେ ଏ ସବୁ କହିବା ପାଇଁ ?
ମୁଁ ମନ୍ତ୍ରୀ ମହାଶୟଙ୍କୁ ଉତ୍ତର ଦେଉଛି ।
ଓହୋ , କରବାବୁ ! ଆପଣ ରାଗୁଛନ୍ତି କାହିଁକି ? ସେ ପରା
ମୋର ପ୍ରତିନିଧି । ସେ ପଚାରିବ ନାହିଁ ଆଉ ପଚାରିବ କିଏ ?
ତହସିଲଦାର ଚୁପ୍ ହୋଇଗଲେ । କିଛି ସମୟ ନୀରବତା
ରାଜୁତିକଲା ।
ମନ୍ତ୍ରୀ ମଣିଷ ଚିହ୍ନିବାରେ ଓସ୍ତାଦ୍ । ମଣିଷର ଚରିତ୍ର , ବ୍ୟବହାର
ଏବଂ ଦୁର୍ବଳତାକୁ ପରଖ କରି ସେ ଦିଗବିଜୟ ପତାକା ଉଡେଇଛନ୍ତି ।
ଏତିକିବେଳେ ତହସିଲ୍‌ଦାରଙ୍କୁ କିଛି କହିଲେ ବିଷ ଉଦ୍‌ଗୀରଣ ହେବ ,
ଅମୃତଭାଣ୍ଡ ମିଳିବ ନାହିଁ ।
କଥାର ସୁଅକୁ ଅନ୍ୟଦିଗରେ ନେବା ପାଇଁ ମନ୍ତ୍ରୀ ଆଶ୍ୱାସନା
ଭଙ୍ଗୀରେ କହିଲେ - ଏ ସବୁ ଲୋକମାନଙ୍କର ଅଭିଯୋଗ । ମୁଁ ଯାହା
ଶୁଣିଲି ଆପଣଙ୍କୁ କହିଦେଲି । ମୋର କିନ୍ତୁ ମତ ଆପଣ ଭଲକାମ
କରୁଛନ୍ତି । ଦିନରାତି ଖଟୁଛନ୍ତି , ଆପଣଙ୍କ ପରି ସରକାରୀ କର୍ମଚାରୀ ଏ
ଦେଶରେ ନିହାତି ଦରକାର ।
ମନ୍ତ୍ରୀଙ୍କ ଆଶ୍ୱାସନାରେ କରଙ୍କର ବୃଦ୍ଧମନ ବିପରୀତ ହେଲା ।
ସେ ମନେ ମନେ ମନ୍ତ୍ରୀଙ୍କର ପ୍ରତି କୃତଜ୍ଞତା ପ୍ରକାଶ କରି କହିଲେ -
କେତେକ ଖଳଲୋକ ଏଠାରେ ଅଛନ୍ତି , ଯେଉଁମାନଙ୍କର କାମ ହେଲା
ଚୁଗୁଲି କରିବା । ସାର ! ଆପଣ ଯାହା କହିବେ , ମୁଁ ସଙ୍ଗେ ସଙ୍ଗେ

ତାଲିମ୍ କରିଦେବି ।
ବସନ୍ତକୁ ଅନେଇ ଏତିକି କହିବା ଦେଖି ବସନ୍ତ ବିରକ୍ତ ହୋଇ ବାହାରକୁ ଚାଲିଗଲା ।
ମନ୍ତ୍ରୀ ପାଟିକଲେ ଚାହା ଆଣିବା ପାଇଁ ।
ପୁନର୍ବାର ଆଶ୍ୱାସନା ଦେଉ ଦେଉ କହିଲେ – ବର୍ତ୍ତମାନ ନିର୍ବାଚନ ପାଖେଇ ଆସିଲାଣି ନା ! ଭୋଟ ପାଇଁ ଆମକୁ ଅନେକ କଥା ଶୁଣିବାକୁ ପଡୁଛି , କହିବାକୁ ପଡୁଛି , କରିବାକୁ ପଡୁଛି । ସେ କଥା ଆମେ ଆପଣଙ୍କୁ କହିବୁ । ଆପଣ ଆଦୌ ବିବ୍ରତ ହେବେ ନାହିଁ । //
ଆଉ କାଗଜ ? – ବୁଢିଆଣୀ ଜାଲରେ ଛନ୍ଦି ହୋଇଯିବା ପର୍ବ ମନେକରି ପଚାରିଲେ ମଲ୍ଲ ।
ରିହାତି କାଗଜକୁ ବଜାର ଦରରେ ବିକ୍ରି କରି ସେ କିଛି ପଇସା ରୋଜଗାର କରିନେବ । ତା ପାଇଁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ପ୍ରତ୍ୟେକ ନିର୍ବାଚନରେ ସେ ଏମିତି ଚାରି ପାଞ୍ଚ ହଜାର ରୋଜଗାର କରେ ।
ମଲ୍ଲ ଅନ୍ୟ ଦୁଇ ପ୍ରତିଦ୍ୱନ୍ଦୀଙ୍କ ବିଷୟରେ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ । ଭାବିଲେ – ଗୌର ଦାସ ସମସ୍ତଙ୍କ ସ୍ପନ୍ଦନ ପରୀକ୍ଷା କରି ନେଇଛନ୍ତି । କାହାର ବାହୁରେ କେତେ ପରାକ୍ରମ , କାହାର ଜନବଳ କେତେ , କାହାର ଆଦର୍ଶ କେତେ ପରିବ୍ୟାପ୍ତ , କାହାର ସ୍ୱାର୍ଥ କେତେ ଗଭୀର ସବୁ ନିଜେ କଳନା କରି ନେଇଛନ୍ତି । ନିଜେ ହୋଇଛନ୍ତି ଉର୍ଣ୍ଣନାଭ – ସୁନ୍ଦର ଜାଲ ବୁଣି ଅନ୍ୟକୁ ତା ଭିତରେ କବଳିତ କରି ପାରୁଛନ୍ତି । ସେ ନିଜେ ନିଜ ପାଇଁ ଚିନ୍ତା କରିବେ । ପଥ ଖୋଜିବେ । ଅନ୍ୟମାନେ ତାଙ୍କପାଇଁ ଚିନ୍ତା କରିବା ନିଷ୍ପ୍ରୟୋଜନ ।
ପଞ୍ଚମୁଖୀ ପ୍ରତିଦ୍ୱନ୍ଦିତାରେ ଜଣେ ବେଲାଳସେନ ପରି କେବଳ ଦୂରରୁ ନନ୍ଦିଘୋଷ ରଥୀର ଆହ୍ୱାନ , ପଦାତିକର ଆସ୍ଫାଳନ ଶୁଣି ନୀରବଦ୍ରଷ୍ଟା ହୋଇ ରହିଗଲେ ।

ଅନ୍ୟ ଦୁଇ ପ୍ରତିଦ୍ୱନ୍ଦୀ ଗଦାହସ୍ତ ହୋଇ ନିଜ ନିଜ ଭିତରେ
ଯୁଦ୍ଧରେ ବ୍ୟାପୃତ । ସେମାନେ ରଥୀକୁ ସ୍ପର୍ଶ କରିପାରିଲେ ନାହିଁ । ରଥର
ପରିଧି ଭିତରେ ପ୍ରବେଶ କରିପାରିଲେ ନାହିଁ । ରଥପରି ବେଗଶାଳୀ
ହୋଇ ଅଧିକ ଭୂମି ପରିଭ୍ରମଣ କରିପାରିଲେ ନାହିଁ । ରଥୀମାନେ
ସେମାନଙ୍କ ସ୍ଥିତି ଭୁଲିଗଲେ ।
ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ କହିଲେ ଦୁଇ ପ୍ରଧାନ ପ୍ରତିଦ୍ୱନ୍ଦୀ
ମନ୍ତ୍ରୀ ଗୌର ଦାସ ଏବଂ ସାମ୍ୟବାଦୀ ଅଲେଖ ପ୍ରଧାନ ।
ସାମ୍ୟବାଦର ଖୋଳ ଭିତରେ ସାମନ୍ତବାଦୀର ହୃଦୟ ନେଇ
ଅଲେଖ ପ୍ରଧାନ ଗାଁରୁ ଗାଁ ପରିଦର୍ଶନ କଲେ । ସାମ୍ୟବାଦ ଆଦର୍ଶର
ବ୍ୟାଖ୍ୟା କଲେ । ମାର୍କସ କିଏ , ଏଞ୍ଜେଲସ କିଏ , ଡାଇଲେକ୍ଟିସ୍ କଣ –
ଶ୍ରେଣୀ ସଂଘର୍ଷ କ'ଣ , ବିଜୟ କାହାର , ପରାଜୟ କାହାର – ଶୋଷିତ
କିଏ – ଏସବୁ ବୁଝେଇଲେ । ବୁଝେଇଲେ ଋଷିଆ ବିପ୍ଳବର କାହାଣୀ ,
ଚୀନର ଲଙ୍ଗ ମାର୍ଚ୍ଚର ଇତିହାସ । ଗାଁର ମଙ୍ଗଳ ପାଇଁ ଜନସମାଜର
ମଙ୍ଗଳ ପାଇଁ ଗୁଇଭରା ନାମକ କୌଣସି ଏକ ବ୍ୟକ୍ତି ବିଷୟରେ
ଦୀର୍ଘ ଭାଷଣ ଦେଲେ । ଆନ୍ତର୍ଜାତିକ ସମସ୍ୟା , ସାମ୍ୟବାଦୀ ଆଦର୍ଶରୁ ତଳକୁ
ଓହ୍ଲେଇ ଆସି ଦେଶ , ପ୍ରଦେଶ ଏବଂ ନିଜ ନିର୍ବାଚନ ମଣ୍ଡଳୀର ଅଭାବ
ଅସୁବିଧା କଥା କହିଲେ । ଗୌର ଦାସଙ୍କ ଦଳର ସମାଲୋଚନା କଲେ ।
ଗୌର ଦାସ ଦଳ ସ୍ୱାର୍ଥପର , ପୁଞ୍ଜିପତିର ଦଳ । ସେହି ଦଳର
ଆଭିମୁଖ୍ୟ ଦେଶ ପକ୍ଷରେ କେତେ କ୍ଷତିକାରକ , ଗଣତନ୍ତ୍ର ପ୍ରତି କେମିତି
ବିପଜ୍ଜନକ , ତାର ଏକ ସ୍ଥୂଳଧାରଣା ଜନତା ସମ୍ମୁଖରେ ବାଢିବାକୁ
ପ୍ରଯତ୍ନ କରେ ।
ମନ୍ତ୍ରୀ ହୋଇ କେମିତି ଦୁର୍ନୀତିର ଆଶ୍ରୟ ନିଆଯାଇଛି ,
ପ୍ରିୟାପ୍ରୀତି ତୋଷଣ ହୋଇଛି – ତାର ଅନେକ ଉଦାହରଣ ଦେବାରେ
ଲାଗିଲେ । ଅଲେଖ ପ୍ରଧାନଙ୍କ ଭାଷଣ ଶୁଣିବା ପାଇଁ ସଭାମାନଙ୍କରେ ପ୍ରବଳ

ଜନଗହଳି – ପ୍ରବଳ କରତାଳି । ମନ୍ତ୍ରୀଙ୍କ ଆଚରଣ ବିଷୟ ଅବତାରଣା
କଲାବେଳେ ପ୍ରବଳ ହାସ୍ୟରୋଳ । ତାଙ୍କ ବର୍ଣ୍ଣନା ଚାତୁରୀର ଭୂରୀ ଭୂରୀ
ପ୍ରଶଂସା ।
ବକ୍ତୃତାପଟୁ ଅଲେଖବାବୁଙ୍କ ପାଖରେ ଗୌର ଦାସ
ନଗଣ୍ୟସୂର୍ଯ୍ୟ ନିକଟରେ ଖଦ୍ୟୋତି ଯେମିତି ।
ସବୁଜାଗାରୁ ଖବର ଆସିଲା ଅଲେଖ ପ୍ରଧାନଙ୍କ ସଭାରେ ଅନେକ
ଜନସମାବେଶ । ସମସ୍ତେ ତାଙ୍କୁ ତାରିଫ କରୁଛନ୍ତି , ବୁଦ୍ଧିଜୀବୀ କହୁଛନ୍ତି
ତାଙ୍କ ଆଦର୍ଶ ଅମଳିନ – ସାମ୍ୟବାଦୀ ଆଦର୍ଶ ହିଁ ଦେଶକୁ ରକ୍ଷାକରିବ ।
ଗୌର ଦାସଙ୍କ ଦଳ ଦେଶକୁ ରସାତଳକୁ ନେବ । ପୁଞ୍ଜିବାଦୀ
ଆଦର୍ଶମନୁଷ୍ୟକୁ ଅମଣିଷ କରିବ । ଗରୀବ ଓ ଧନୀର ପାର୍ଥକ୍ୟ ବଢେଇବ । ଧନୀ
ଅଧିକ ଧନ ସଞ୍ଚୟ କରିବ ଓ ଦରିଦ୍ର ଆହୁରି ଦରିଦ୍ର ହେବ ।
ବି.ଡି.ଓ. ଦିନେ ବ୍ୟସ୍ତ ହୋଇ ରହିଲା ପରେ ପଚାରିଲେ ,
କିଏ ସବୁ ତାଙ୍କୁ ବେଶୀ ସମର୍ଥନ କରୁଛନ୍ତି ? //
ତଥାପି ଏ ଘରୁ ସେ ଘର , ସେ ଘରୁ ଦୋକାନ ଘର ବୁଲିବୁଲି ସେ ଚେଷ୍ଟା
କରୁଥାନ୍ତି ବୁଝେଇବା ପାଇଁ ଯେ , ସେ ଟଙ୍କା ଫାଙ୍କି ନାହାନ୍ତି । ମିଛରେ
ତାଙ୍କ ନାମରେ ଅଭିଯୋଗ ହୋଇଛି । ବହୁସମୟ ଅନୁନୟ , ଅନୁରୋଧ ,
କ୍ରନ୍ଦନ ପରେ ଶକ୍ତିଶୂନ୍ୟ ସୁବୁଦ୍ଧି ବସିପଡିଲେ । ପୁଅମାନେ କିଛି
କଥାବାର୍ତ୍ତା ନ କରି ଆୟକର ଅଫିସରଙ୍କୁ କାଗଜପତ୍ର , ସୁନାରୁପା ,
ଟଙ୍କାପଇସା ଦେଖାଇବାରେ ଲାଗିଲେ । ସବା ସାନପୁଅ ଯାଇଥାଏ
ଅଲେଖ ପ୍ରଧାନଙ୍କ ସହ ନିର୍ବାଚନ ପ୍ରଚାରରେ ।
ସଂଧ୍ୟାବେଳେ ଗୌର ଦାସ ଖବର ପାଇଲେ ଆୟକର ବିଭାଗର
ଖାନତଲାସୀ ଚାଲିଛି ସୁବିଦ୍ଧି ପାତ୍ରଙ୍କ ଘରେ । ସୁଦୂର ମଫସଲର ନିର୍ବାଚନ
ସଭା ଚଞ୍ଚଳ ଶେଷ କରିଦେଇ ସେ ବାହାରି ପଡିଲେ ପାତ୍ରପୁର । ତାଙ୍କର
ମନେ ପଡିଯାଉଥାଏ ନନ୍ଦ ମହାଶୟଙ୍କ ଉପଦେଶ – ‘ ପ୍ରହାର

କରିବା ପୂର୍ବରୁ ଓ ପ୍ରହାର କରିବା ପରେ ମଧ୍ଧ ଶତ୍ରୁକୁ କୃପା ବାକ୍ୟ
କହିବି । ଶୋକ କରିବ ଓ ରୋଦନ ମଧ୍ଧ କରିବ ।
ଏତିକିବେଳେ ନିଜର ଦୁଃଖ ପ୍ରକାଶ ନ କଲେ ସୁବୁଦ୍ଧି ହୁଏତ
ଜାଣିଯିବ । ଘଟଣା ପ୍ରଘଟ ହୋଇଗଲେ ସେ ଅକୃତଜ୍ଞ , ଅବିଶ୍ୱାସୀ ଓ
ମନ୍ଦବୁଦ୍ଧି ବୋଲି ଡିଣ୍ଡିମ ବାଜିବ । ବରଂ ବିଶ୍ୱାସ ଜନ୍ମାଇଲେ
ଲାଭ ହେବ । ଯଷ୍ଟିଶୂନ୍ୟ ସୁବୁଦ୍ଧି ତାଙ୍କୁ ଆଶ୍ରୟ ବୋଲି ଭାବିବ , ଯାହା
କହିଲେ କରିବ ।
ଗୌର ଦାସ ତରତରରେ ସୁବିଦ୍ଧିଙ୍କର ଭିତର ଘରକୁ
ପଶିଗଲାବେଳେ ଅଲେଖ ପ୍ରଧାନଙ୍କ ଉକ୍ତିର ଶେଷଭାଗ ଶୁଣିବାକୁ ପାଇଲେ
– ‘ ଏ କାମ ନିଶ୍ଚୟ ଗୌର ଦାସ କରିଥିବ – ଆପଣଙ୍କୁ ସର୍ବସ୍ୱାନ୍ତ
କରିବା ପାଇଁ ... । ‘
ଅଲେଖ ଅଧିକା କିଛି କହିଥାଆନ୍ତେ କିନ୍ତୁ ଗୌର ଦାସଙ୍କୁ ଦେଖି
ଚୁପ୍ ହୋଇଗଲେ । ସୁବୁଦ୍ଧି ଅପ୍ରତିଭ ହୋଇ ନିଜ ବଡପୁଅ ମୁହଁକୁ
ଅନେଇଲେ । ସୁବୁଦ୍ଧିଙ୍କ ବଡ ପୁଅ କଣ କରିବ , କଣ ନ କରିବ କିଛି
ଚିନ୍ତା କରି ନ ପାରି ଚଟାଣ ଉପରେ ବସିପଡି ଛୋଟ ପିଲାଙ୍କ ପରି ଭେଁ ଭେଁ
କାନ୍ଦିବାରେ ଲାଗିଲା ।
ଗୌର ଦାସ ସୁବୁଦ୍ଧିଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ଅଲେଖ
ଉଦ୍ଦେଶ୍ୟରେ କହିଲେ – ମୋର କାମ ଧନୀକ ମାରଣ ନୁହେଁ , ମୁଁ ଯଦି
ତାହା କରିଥାନ୍ତି ଏଠିକି ଦୌଡି ନ ଥାନ୍ତି ।
ଗୌର ଦାସଙ୍କ ଏତିକି କଥା ଶୁଣି ବୃଦ୍ଧ ସୁବୁଦ୍ଧି ଆଖିରୁ
ଲୁହ ପୋଛୁପୋଛୁ ଥରୁଥିବା ଡାହାଣ ହାତରେ ଗୌର ଦାସଙ୍କ ହାତ
ଧରି ନେଇ କହିଲା – ’ ମୁଁ ଜାଣେ ତମେ ଏମିତିକାମ କରି ନ ଥିବ ।
ଆମର ଭାଗ୍ୟ ... ।
ଅଲେଖବାବୁ ତଥାପି ଆକ୍ଷେପରୁ କ୍ଷାନ୍ତ ହେଲେ ନାହିଁ । ସେ

କହିଲେ – ‘ ଆପଣ ନିଶ୍ଚୟ ଆୟକର ବିଭାଗକୁ ଖବର ଦେଇ , ତଲାସୀ
ପାଇଁ ଉପଦେଶ ଦେଇଛନ୍ତି  । ‘
ନିଜର ପ୍ରତିରକ୍ଷା ପାଇଁ ପ୍ରତିଆକ୍ରମଣ କଲେ ଗୌର ଦାସ  ।
ସାମାନ୍ୟ ଉତ୍ତେଜିତ ହୋଇ କହିଲେ – ସୁବୁଦ୍ଧି ବାବୁ ! ଏ ମହାଶୟ
ଜାଣନ୍ତି ନାହିଁ ଯେ ଆୟକର ବିଭାଗ କେନ୍ଦ୍ର ସରକାରଙ୍କ ଅଧୀନରେ  ।
ରାଜ୍ୟ ସରକାରଙ୍କ ଇଙ୍ଗିତରେ ଚାଳିତ ହୁଅନ୍ତି ନାହିଁ  ।
ଛାଡ ଗୌର  । ଆମର ଦୁର୍ଭାଗ୍ୟ  । କାହାକୁ ନିନ୍ଦା କରିବା ?
ଆକ୍ଷେପରେ ଯବନିକା ପଡିଲା  ।
ବହୁସମୟ ବୋଧସୋଧ କରେଇ , ଜବତ୍ ହୋଇଥିବା ଟଙ୍କା ,
ସୁନା ଫେରି ପାଇବାପାଇଁ ବନ୍ଦୋବସ୍ତ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇ
ସେଠାରୁ ବାହାରି ଆସିଲେ ଗୌର ଦାସ  ।
ଗାଡିରେ ବସି ଡାକବଙ୍ଗଳାକୁ ଗଲାବେଳେ ସେ ଭାବୁଥିଲେ
ଆଜି ତାଙ୍କର ବିଜୟ ହୋଇଛି  । ଲକ୍ଷ୍ୟ ଅବ୍ୟର୍ଥ ହୋଇଛି  । ପ୍ରତିଦ୍ୱନ୍ଦୀର
ଏକ ବଳିଷ୍ଠ ପୃଷ୍ଠପୋଷକ ସର୍ବସ୍ୱାନ୍ତ ହୋଇଛି  । ବିଜୟ ତାଙ୍କର ସୁନିଶ୍ଚିତ  ।
ସେ ନିର୍ବାଚନରେ ଜୟଯୁକ୍ତ ହେବେ  । //
ମନୁଷ୍ୟ ମନ ତରଳ ଲାଭା ପରି  । ତାର ଉଦ୍‌ଗୀରଣ କାହିଁକି
ହେବ କିଛି କହିହେବ ନାହିଁ  । ସ୍ରୋତର ଗତି କେଉଁ ଦିଗରେ ହେବ
ଜାଣିହେବ ନାହିଁ  । ଗତି ପଥରେ ଯାହାକୁ ପାଇବ ନଷ୍ଟ କରିଦେବ  ।
ଥଣ୍ଡାହେଲା ପରେ ଯାହା ଉପରେ ଆଶ୍ରୟ ନେଇଥିବ ତାକୁ ଛାଡି
ଚାଲିଯିବ ନାହିଁ – ବରଂ ବିନଷ୍ଟ କରିଦେବ  ।
ସତକୁ ସତ ଜନସାଧାରଣଙ୍କ ମନକୁ ବିଭ୍ରାନ୍ତି କରି ପକେଇଲା
ଅଲେଖ ବାବୁଙ୍କ ପ୍ରଚାର  । ଜନସାଧାରଣ ଥାନାବାବୁଙ୍କୁ ଆକ୍ଷେପ କରିବା
ପରିବର୍ତ୍ତେ ଗୌର ଦାସଙ୍କୁ ଭର୍ତ୍ସନା କଲେ  । ପଶାୟତ ଗିରଫ ହୋଇ
ଲାଙ୍ଗୁଡ ଜାକି ଘରେ ଚୁପ୍ ରହିବେ ବୋଲି ଯାହା ଆଶା କରାଯାଇଥିଲା ,

ତା ପରିବର୍ତ୍ତେ ସେ ସିଂହ ବିକ୍ରମରେ ଗର୍ଜନ କରିବା ଦେଖି ଗୌର ଦାସ
ହତଭମ୍ଭ ହୋଇଗଲେ ।
ସେ କିନ୍ତୁ ଯୁଦ୍ଧରେ ପରାଜୟ ସ୍ୱୀକାର କରିବା ବ୍ୟକ୍ତି ନୁହନ୍ତି ।
ଶୂଳ ଆଘାତରେ ସାମୟିକ ବିମୋହିତ ହୋଇଥିବା ଯୋଦ୍ଧା
ପୁନର୍ବାର ସଂଜ୍ଞା ପାଇ ଯେପରି ଭୀମ ବିକ୍ରମରେ ଅନ୍ୟପ୍ରତି ଧାବିତ ହୁଏ ,
ନିଜର ଅନ୍ୟାନ୍ୟ ରଣ-କୌଶଳ ପ୍ରଦର୍ଶନ କରେ ସେହିପରି ଗୌର ଦାସ
ହଠାତ୍ ପଶାୟତ ଘରକୁ ଯାଇ , ଗିରଫ ବିଷୟ ସେ କିଛି ଜାଣି ନାହାନ୍ତି
କହି ସଫେଇ ଦେଲେ । ପ୍ରକାଶ୍ୟରେ ନିତ୍ୟାନନ୍ଦବାବୁଙ୍କୁ ନିନ୍ଦାକଲେ ।
ମନ୍ତ୍ରୀଙ୍କ ଆଗମନ , ସଫେଇ ଏବଂ ପ୍ରକାଶ୍ୟ ଭର୍ତ୍ସନା ପଶାୟତଙ୍କ
ରକ୍ତାକ୍ତ ମନକୁ କିଛି ପରିମାଣରେ ଆଶ୍ୱାସନା ଦେଲା । ସେ ଭାବିଲେ ,
ଥାନାବାବୁ ହିଁ ଏଥିର କର୍ଣ୍ଣଧାର ।
ପ୍ରକାଶ୍ୟ ଭର୍ତ୍ସନାରେ ଯେ ନିତ୍ୟାନନ୍ଦବାବୁ ମର୍ମାହତ ହୋଇଥିବେ
ତାହା ଚିନ୍ତାକଲେ ନାହିଁ ଗୌର ଦାସ । ତାଙ୍କ ପରୋକ୍ଷ ଇଙ୍ଗିତରେ ଯେ
ଏହା ହୋଇଛି ସେଥିପାଇଁ ତାଙ୍କ ମନରେ ବିଷାଦର କାଳିମା ନ ଥିଲା ।
ଲୋକମାନେ ଯେ ତାଙ୍କୁ ଦ୍ୱୈତମୁଖା କହୁଥିବେ ସେଥିପ୍ରତି ଭୃକ୍ଷେପ
ନ ଥିଲା ।
ମନ୍ତ୍ରୀଙ୍କ ଭର୍ତ୍ସନାର ଖବର ପାଇ ନିତ୍ୟାନନ୍ଦବାବୁ ବିମର୍ଷ ହୋଇ
ଉଠିଲେ । ଗୌର ଦାସଙ୍କ ପାଇଁ ସେ ସବୁ କରିଛନ୍ତି ଅଥଚ ସେ ପ୍ରକାଶ୍ୟରେ
ସମାଲୋଚନା କରିପାରିଲେ ? ନିତ୍ୟାନନ୍ଦବାବୁ ବିଶ୍ୱାସ କରୁଥିଲେ -
ବିଶ୍ୱାସ ମଧ୍ଧ କରି ପାରୁ ନ ଥିଲେ ।
ସାମାନ୍ୟ ବିମର୍ଷ ହୋଇ ଥାନା ବାରଣ୍ଡାରେ କିଛି ସମୟ
ପଦଚାରଣା କଲାପରେ ନିଜ କ୍ୱାଟରକୁ ଚାଲିଗଲେ । ଚିନ୍ତିତ ମନରେ ଖାଇବା
ପାଇଁ ଗଲାବେଳେ କବାଟରେ କାହାର ଆଘାତ ଶୁଣି ଚମକି ପଡିଲେ ।
ହୁଏତ ପଶାୟତଙ୍କ ଲୋକ ତାଙ୍କୁ ଆକ୍ରମଣ କରିବା ପାଇଁ ଆସିଥିବେ

ଅଥବା ସେମାନେ ଗୌର ଦାସଙ୍କ ଲୋକଙ୍କୁ ଆକ୍ରମଣ କରିଥିବେ ।
ଖାଇବା ଛାଡି ଉଠିଯାଇ ନିତ୍ୟାନନ୍ଦବାବୁ ଦରଜା ଖୋଲିଦେଲେ ।
ବାହାରେ ମନ୍ତ୍ରୀ ଗୌର ଦାସ ।
ଅସ୍ପଷ୍ଟ ଭାବେ ଥାନାବାବୁଙ୍କ ପାଟିରୁ ବାହାରି ଆସିଲା – ' ସାର ,
ଆପଣ ? ଏତେ ରାତିରେ ? '
ଘର ଭିତରକୁ ପଶି ଆସୁ ଆସୁ ମନ୍ତ୍ରୀ କହିଲେ – ' ଆମର ବେଳ
ଅବେଳ କଣ ? ଆପଣଙ୍କ ପରି ଶୁଭାକାଂକ୍ଷୀ ବନ୍ଧୁଙ୍କ ପାଖକୁ ଆସିବାରେ
କଣ ଅବେଳ ଥାଏ ?
ମନ୍ତ୍ରୀ ତାଙ୍କ କ୍ୱାଟରରେ ପାଦ ପକେଇ ଥିବାରୁ ନିତ୍ୟାନନ୍ଦବାବୁ
ଗଦ୍‌ଗଦ୍ ହୋଇ ଉଠୁଥିଲେ । ଯେତେ ଯାହା ହେଉନା କାହିଁକି ମନ୍ତ୍ରୀ ଯେ
ପାଦ ପକେଇଛନ୍ତି – ଏହାଠାରୁ ବଡ ସୌଭାଗ୍ୟ ଆଉ କଣ ଥାଇପାରେ ।
ପୂର୍ବର ବିମର୍ଷଭାବ ଦୂରେଇ ଯାଉଥିଲା ।
ମନ୍ତ୍ରୀଙ୍କୁ ଯାଚିଲାବେଳେ ଗୌର ଦାସ ହସି ହସି କହିଲେ ,
ନିତ୍ୟାନନ୍ଦବାବୁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଆସିଥିଲି ଆପଣଙ୍କୁ
କହିବାପାଇଁ ଯେ ପଶାୟତ କେସ୍‌ରେ ଆପଣ ଠିକ୍ କରିଛନ୍ତି ।
କିନ୍ତୁ ସାର , ଆପଣ ମୋତେ ସମାଲୋଚନା କଲେ ବୋଲି
ଶୁଣିଛି ।
ଆରେ ସେଇଟା ମୋର ଚାଲ । ଆପଣ ମୋ ଲୋକ । ବର୍ତ୍ତମାନ
ପରିସ୍ଥିତିରେ ତାହା ଦରକାର ଥିଲା । ସେମାନେ ମୂର୍ଖ । ଆପଣ
ବୁଦ୍ଧିମାନ । ମୁଁ କାହିଁକି କହିଲି ବୁଝି ପାରୁଥିବ ।
ଥାନାବାବୁ ବୁଝି ପାରିଲେ , ତଥାପି କିଛି କହିଲେ ନାହିଁ ।